## ପାଓ୍ୱେଲଙ୍କ ମୋଦିଙ୍କୁ ସାକ୍ଷାତାକାର । ଆମେରିକା ନିଜକୁ ସୁଧାରିବାକୁ ଚାହୁଁଛି ।

ତା.୧୩.୦୨.୨୦୧୪

**ଅରୁଣ ଜେଟଲୀ ବିରୋଧୀ ଦଳର ନେତା, ରାଜ୍ୟସଭା**

ଆମେରିକାର ଆମ୍ବାସଡ଼ାର ମି. ମର୍ସି ପାଓ୍ୱେଲ ଆଜି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି । ମୋ ମତରେ ଆମେରିକା ନିଜର ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ସୁଧାରିବାକୁ ଯାଇ ଏପରି ସାକ୍ଷାତାକାର କରିଅଛି ଏବଂ ପୂର୍ବରୁ ଯେଉଁ ନିଷ୍ପତ୍ତି ସମ୍ପର୍କରେ କୁହାଯାଉଥିଲା ତାହା କୌଣସି କୋର୍ଟର ରାୟ ନଥିଲା ବରଂ କିଛି ଗଣମାଧ୍ୟମ ତଥା କିଛି ଏନ.ଜି.ଓ ର ପ୍ରଚାର ଫଳରେ ଏହା ଅତିରଞ୍ଜିତ ହୋଇଥିଲା ।

ଏହି ସାକ୍ଷାତାକାର ଦେଶର କୂଟନୀତିର ଅଂଶ ବିଶେଷ । ବର୍ତ୍ତମାନ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଆଗାମୀ ଲୋକସଭା ନିର୍ବାଚନର ମୁଖ୍ୟ ପ୍ରତିଦ୍ୱନ୍ଦୀ ବୋଲି ସମସ୍ତଙ୍କୁ ଜଣା ଏବଂ ସେ ତୃତୀୟ ଥର ପାଇଁ ଗୁଜୁରାଟ ବିଧାନ ସଭାରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରି ମୁଖ୍ୟ ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆମେରିକା ତଥା କିଛି ଦେଶ  ତାଙ୍କ ସମ୍ପର୍କରେ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ଆମ ଦେଶର ଦୁର୍ବଳ ବୈଦେଶିକ ନୀତିର ଫଳ ସ୍ୱରୂପ । କୌଣସି ଦଳ ବା କୌଣସି ରାଜ୍ୟ ସରକାର କେବେ ଅନ୍ୟ ଦେଶ ସହ ସମ୍ପର୍କ ରକ୍ଷା କରେ ନାହିଁ । ସେ ଦାୟିତ୍ୱ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କର । ସେମାନେ ଏହି ସମ୍ପର୍କକୁ ପୂର୍ବରୁ ସୁଧାରିବାକୁ ଅସମର୍ଥ ହୋଇଛନ୍ତି । ଆଜିର ସାକ୍ଷାତାମକାରରେ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ସଲମନ ଖୁର୍ସିଦ ତଥା କଂଗ୍ରେସ ପାର୍ଟିର ନେତାମାନେ ହତୋତ୍ସାହ ହୋଇପଡ଼ିଛନ୍ତି । ମାତ୍ର ସେମାନଙ୍କର ଔଦ୍ଧତ୍ୟ ପୂର୍ବବତ ରହିଅଛି ।

ଭାରତ ଓ ଆମେରିକାର ସମ୍ପର୍କ ଭାରତର ବୈଦେଶିକ ନୀତିର ଏକ ମୁଖ୍ୟ ଅଂଶ । ମାନନୀୟ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ.ଡ଼ି.ଏ ସରକାର ଉକ୍ତ ସମ୍ପର୍କ ରକ୍ଷା କରିବାକୁ ବହୁ ପଦକ୍ଷେପ ଗ୍ରହଣ କରିଥିଲେ । ତେଣୁ ଶ୍ରେୟାଂଶି ବହୁ ବିଘ୍ନାନି ପରି ଯେତେ ପ୍ରତିବନ୍ଧକ ଆସିଲେ ମଧ୍ୟ ମୋଦିଙ୍କୁ ଆଗାମୀ ଲୋକସଭା ନିର୍ବାଚନରେ ନିଶ୍ଚିତ ଭାବରେ ସଫଳତା ମିଳିବ ।